

Notes

# ୨୮

# ଭାରତ ଓ ଏହାର ପଡ଼ୋଶୀ ରାଷ୍ଟ୍ର: ଚୀନ୍, ପାକିସ୍ଥାନ ଓ ଶ୍ରୀଲଙ୍କା

ପୂର୍ବ ଭାଗରେ ତୁମେମାନେ ଜାଣିଲ ଯେ ଭାରତୀୟ ବୈଦେଶିକ ନୀତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆନ୍ତର୍ଜାତିକ ଶାନ୍ତି ଓ ସହଯୋଗର ବୃଦ୍ଧି ତଥା ସବୁ ରାଷ୍ଟ୍ର ବିଶେଷ କରି ପଡ଼ୋଶୀ ରାଷ୍ଟ୍ର ମାନଙ୍କ ସହ ବନ୍ଧୁତାପୂର୍ଣ୍ଣ ସଂପର୍କର ବିକାଶ । ପାକିସ୍ଥାନ, ବଂଗଳାଦେଶ, ନେପାଳ, ଶ୍ରୀଲଙ୍କା, ଭୁଟାନ୍, ବର୍ମା ଏବଂ ଚୀନ ହେଉଛନ୍ତି ଭାରତର ନିକଟତମ ପ୍ରତିବେଶୀ ରାଷ୍ଟ୍ର ଯେଉଁମାନଙ୍କ ସହ ଭାରତର ବନ୍ଧୁତାପୂର୍ଣ୍ଣ ସଂପର୍କ ସଂସ୍କୃତି ଓ ଐତିହ୍ୟର ସାମଞ୍ଜସ୍ୟ ଉପରେ ଆଧାରିତ ।

ଏହି ଭାଗରେ ତୁମେମାନେ ଭାରତର ପାକିସ୍ଥାନ, ଚୀନ ତଥା ଶ୍ରୀଲଙ୍କା ସହ ସଂପର୍କ ଅଧ୍ୟୟନ କରିବ ।

## ଉଦ୍ଦେଶ୍ୟ

ଏହି ଭାଗଟି ପଢ଼ିସାରିଲା ପରେ ତୁମେ ମାନେ

- ଚୀନ-ଭାରତ ଦ୍ୱିପାକ୍ଷିକ ସଂପର୍କରେ ଥିବା ଦ୍ୱନ୍ଦ୍ୱ ଗୁଡିକର ଉତ୍ସଗୁଡ଼ିକୁ ଚିହ୍ନଟ କରିପାରିବ;
- ଚୀନ ସହିତ ସୀମା ବିବାଦର ସମାଧାନ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକୁ ଚିହ୍ନଟ କରିପାରିବ;
- କାଶ୍ମୀର ସମସ୍ୟା ପ୍ରସଙ୍ଗରେ ଐତିହାସିକ ଦୃଷ୍ଟିକୋଣରୁ ଭାରତ-ପାକିସ୍ଥାନ ଦ୍ୱିପାକ୍ଷିକ ସଂପର୍କକୁ ବିଶ୍ଲେଷଣ କରିପାରିବ ;
- ଭାରତ ଓ ପାକିସ୍ଥାନ ମଧ୍ୟରେ ଥିବା ଆଣବିକ ଶତ୍ରୁତାକୁ ବୁଝିପାରିବ;
- ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଥିବା ଐତିହାସିକ, ସାଂସ୍କୃତିକ ତଥା ଜାତି ସମ୍ବନ୍ଧୀୟ ସଂପର୍କ ର ତତ୍ତ୍ୱ ଖୋଜି ବାହାର କରିପାରିବ; ଏବଂ
- ତାମିଲ ବିଚ୍ଛିନ୍ନତାବାଦୀ ଆନ୍ଦୋଳନର କ୍ରମବିକାଶ ଏବଂ ଭାରତ-ଶ୍ରୀଲଙ୍କା ସଂପର୍କ ଉପରେ ଏହାର ପ୍ରଭାବକୁ ବାଖ୍ୟା କରିପାରିବ ।

## ୨୮.୧ ଭାରତ ଓ ଚୀନ

ଭାରତ ଓ ଚୀନ ଏସିଆ ମହାଦେଶର ଦୁଇ ବୃହତ୍ ଶକ୍ତି । ଏହି ଦୁଇଟି ଦେଶ ପୃଥିବୀର ସର୍ବାଧିକ ଜନବହୁଳ ଦେଶ ଅଟନ୍ତି । ତା'ଛଡ଼ା ପୃଥିବୀର ପ୍ରାଚୀନତମ ସଭ୍ୟତା ମାନଙ୍କ ମଧ୍ୟରେ ଏହି ଦୁଇଟି ଦେଶର



Notes

ସଭ୍ୟତାକୁ ଗଣାଯାଏ । ଅନେକ ଐତିହାସିକ ଏହି ଦୁଇଦେଶ ମଧ୍ୟରେ ସାଂସ୍କୃତିକ ସଂପର୍କ ର ଅଭ୍ୟୁଦୟ ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀରୁ ହୋଇଥିଲା ବୋଲି ମତଦିଅନ୍ତି ।

୧୯୪୯ ମସିହାର କମ୍ୟୁନିଷ୍ଟ ବିପ୍ଳବ ପରେ ଚୀନ ମାଓ ସେ ତୁଙ୍ଗଙ୍କ ନେତୃତ୍ୱରେ ଚୀନ ଗଣରାଜ୍ୟରେ ପରିଣତ ହୋଇଥିଲା । ପୃଥିବୀର ଅଣ-ଶ୍ୱେତାଙ୍ଗ ଲୋକଙ୍କ ନେତୃତ୍ୱ ନେବାକ୍ଷେତ୍ରରେ ଚୀନ ଭାରତର ପ୍ରତିଦ୍ୱନ୍ଦ୍ୱୀ ବୋଲି ନେହରୁ ମନେ କରୁଥିଲେ । ଏହା ସତ୍ତ୍ୱେ ଭାରତ ଚୀନ ର ନିକଟରେ ହେବାକୁ ପ୍ରୟାସ କରିଥିଲା । ୧୯୪୯ ମସିହାରେ ଭାରତ, ପ୍ରଥମ ଅଣ-କମ୍ୟୁନିଷ୍ଟ ଦେଶ ଭାବରେ, କମ୍ୟୁନିଷ୍ଟ ଚୀନକୁ ସ୍ୱୀକୃତି ପ୍ରଦାନ କରିଥିଲା । ସେହି ପରି ଜାତିସଂଘରେ ସଭ୍ୟପଦ ପାଇଁ ଚୀନର ଦାବିକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲା । ଫର୍ମୋଜା (ତାଇୱାନ) ଉପରେ ଚୀନର ଦାବିକୁ ଭାରତ ସ୍ୱୀକାର କରିଥିଲା । ଚୀନକୁ ବାଦ ଦେଇ ଜପାନ ସହିତ କୌଣସି ଶାନ୍ତି ଚୁକ୍ତିରେ ଆବଦ୍ଧ ହେବାପାଇଁ ଭାରତ ପ୍ରସ୍ତୁତ ନଥିଲା । କୋରିଆ ସଂକଟରେ ଯେତେବେଳେ ଚୀନ ଉତ୍ତର କୋରିଆ ସପକ୍ଷରେ ହସ୍ତକ୍ଷେପ କରିଥିଲା ଭାରତ ଚୀନକୁ ଆକ୍ରମଣକାରୀ ର ଆଖ୍ୟା ଦେବାକୁ ଅମଙ୍ଗ ହୋଇଥିଲା । ବାସ୍ତବରେ, ପାଶ୍ଚାତ୍ୟ ଦେଶ ଗୁଡ଼ିକ, ବିଶେଷ କରି ଯୁକ୍ତରାଷ୍ଟ୍ର ଆମେରିକାର ଅସନ୍ତୋଷ ସତ୍ତ୍ୱେ, ଭାରତ ଚୀନକୁ ସମର୍ଥନ କରୁଥିଲା ।

ନେହରୁଙ୍କ ଚୀନ ନୀତିକୁ ୧୯୫୦ମସିହାରେ ପ୍ରଥମ ଧକ୍କା ଲାଗିଥିଲା । ସେହିବର୍ଷ ଚୀନ ତିବ୍ବତ୍‌କୁ ଅଧିକାର କରିଥିଲା । ଏଠାରେ ମନେ ରଖିବା କଥା ଯେ ତିବ୍ବତର ସ୍ୱାଧୀନତା ସହିତ ଭାରତର ଦୀର୍ଘମିଆଦି ସ୍ୱାର୍ଥ ଜଡ଼ିତ ଥିଲା । କାରଣ କାରଣ ଭାରତ ଓ ଚୀନ୍ ମଧ୍ୟରେ ତିବ୍ବତ ଅବସ୍ଥିତ ଥିଲା ଏବଂ ଉଭୟ ରାଷ୍ଟ୍ରକୁ ପରସ୍ପର ଠାରୁ ଅଲଗା ରଖୁଥିଲା । ଏହା ଏକ "ବଫର୍'' (Buffer) ରାଷ୍ଟ୍ର ଭାବେ କାର୍ଯ୍ୟ କରୁଥିଲା । ତା'ଛଡ଼ା ତିବ୍ବତରେ ଭାରତ କେତେଗୁଡ଼ିଏ ସ୍ୱତନ୍ତ୍ର ସୁବିଧା ଉପଭୋଗ କରୁଥିଲା । ତିବ୍ବତ୍ ଉପରେ ଚୀନ ର ପ୍ରତ୍ୟକ୍ଷ ନିୟନ୍ତ୍ରଣ ଦ୍ୱାରା ଏହା ବାଧାପ୍ରାପ୍ତ ହେବା ସହ ଭାରତର ସୁରକ୍ଷା ମଧ୍ୟ ବିପନ୍ନ ହେବାର ଆଶଙ୍କା ଥିଲା ।

ଚୀନର କମ୍ୟୁନିଷ୍ଟ ସରକାର ତିବ୍ବତ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତର ପ୍ରସ୍ତାବକୁ ଅଯଥା ହସ୍ତକ୍ଷେପ ବୋଲି ବିବେଚନା କଲେ । ତିବ୍ବତୀୟମାନେ ଚୀନର ନିୟନ୍ତ୍ରଣରେ ଅତିଷ୍ଠ ହୋଇ ୧୯୫୯ ମସିହାରେ ବିଦ୍ରୋହ କରିଥିଲେ । ଏହି ବିଦ୍ରୋହକୁ ଚୀନ ଦୃଢ଼ହସ୍ତରେ ଦମନ କରିବା ସହ ତିବ୍ବତକୁ ଚୀନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଘୋଷଣା କଲା । ତିବ୍ବତ୍‌ର ମୁଖ୍ୟ ଦଲାଇ ଲାମା ଦେଶରୁ ପଳାୟନ କରି ଭାରତରେ ଆଶ୍ରୟ ନେଲେ ଏବଂ ତିବ୍ବତ୍ ତା'ର ଯାହା କିଛି ସ୍ୱାତନ୍ତ୍ର୍ୟ ବଜାୟ ରଖିଥିଲା ତା'କୁ ହରେଇଲା । ଦଲାଇ ଲାମାଙ୍କୁ ଆଶ୍ରୟ ପ୍ରଦାନ କରିବାଦ୍ୱାରା ଚୀନର ଭାରତ ପ୍ରତି ଅବିଶ୍ୱାସ ବଢ଼ିଯାଇଥିଲା ।

କୋରିଆ ସଂକଟ (୧୯୫୦-୫୩) ସମୟରେ ଭାରତର ନିରପେକ୍ଷ ମଧ୍ୟସ୍ଥତାକୁ ଚୀନ ପସନ୍ଦ କରିଥିଲା । ଯାହା ଫଳରେ ଉଭୟ ଦେଶ ମଧ୍ୟରେ ବନ୍ଧୁତାର ସୂତ୍ରପାତ ହୋଇଥିଲା ଏବଂ ୧୯୫୪ ମସିହାରେ ଉଭୟ ଦେଶ ମଧ୍ୟରେ ବନ୍ଧୁତାର ଚୁକ୍ତି ସ୍ୱାକ୍ଷରିତ ହୋଇଗଲା । ଏହି ଚୁକ୍ତି ଦ୍ୱାରା ଭାରତ ଚୀନ ତିବ୍ବତ ଅଧିକାର କୁ ପ୍ରକାରାନ୍ତରେ ସ୍ୱୀକୃତି ପ୍ରଦାନ କରିଥିଲା । ଏହ ଚୁକ୍ତିର ମୁଖବନ୍ଧରେ "ପଞ୍ଚଶୀଳ ନୀତି'', ଯାହା ବିଷୟରେ ତୁମେ ଭାଗ ୨୬ରେ ପଢ଼ିଛ, ବର୍ଣ୍ଣିତ ହୋଇଛି । ଏହି ଚୁକ୍ତି ଉଭୟ ଦେଶ ମଧ୍ୟରେ ବନ୍ଧୁତାର ଦ୍ୱାର ଖୋଲିଥିଲା ଏବଂ "ହିନ୍ଦି ଚୀନୀ ଭାଇ ଭାଇ''ସ୍ଲୋଗାନ ଦିଆଗଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୫୫ ର ବ୍ୟାନଡଙ୍ଗ ସମ୍ମିଳନୀ ରେ ଭାରତ ଆଫ୍ରିକୀୟ ଓ ଏସୀୟ ରାଷ୍ଟ୍ରମାନଙ୍କ ଏକତା ପ୍ରତିଷ୍ଠା ଦିଗରେ ଚୀନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲା ।

## ୨୮.୧.୧ ଭାରତ ଓ ଚୀନ ମଧ୍ୟରେ ସୀମା ବିବାଦ

୧୯୫୦ ଦଶକରେ ଭାରତ ଓ ଚୀନ ମଧ୍ୟରେ ସୀମା ବିବାଦ ସୃଷ୍ଟିହେଲା ଯାହାକି ଶେଷରେ ୧୯୬୨ ମସିହାରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧର ରୂପ ନେଲା । ଚୀନ ପ୍ରଥମେ ଉତ୍ତର ପୂର୍ବ ସୀମାନ୍ତ ଅଞ୍ଚଳ (NEFA)

ଯାହାକି ବର୍ତ୍ତମାନ ର ଅରୁଣାଚଳ ପ୍ରଦେଶ) ଓ ଲଦାଖର ଅଧିକାଂଶ ଭାରତୀୟ ଅଞ୍ଚଳକୁ ନିଜର ବୋଲି ଦାବି କରି ସେ ସଂକ୍ରାନ୍ତୀୟ ଏକ ମାନଚିତ୍ର ପ୍ରକାଶିତ କରାଇଲା । ଚୀନ ତା'ର ସୀମାରେଖା ପ୍ରସାରିତ କରିବାରେ ଲାଗିଲା ଏବଂ ୧୯୫୬-୫୭ରେ ଭାରତର ଅକ୍‌ସାଇ ଚୀନ (Aksai China) (ଲଦାଖ) ଅଞ୍ଚଳ ଦେଇ ୧୧୦ମାଇଲ ଦୀର୍ଘ ଏକ ରାସ୍ତା ମଧ୍ୟ ତିଆରି କଲା । ଚୀନ ପାଖାପାଖି ୫୧,୦୦୦ବର୍ଗ ମାଇଲ ର ଭାରତୀୟ ଅଞ୍ଚଳ ଉପରେ ନିଜର ଅଧିକାର ଦାବି କଲା ଏବଂ ମ୍ୟାକ୍‌ମୋହନ ରେଖା (Mc Mohan line)ର ବୈଧତା କୁ ଅସ୍ୱୀକାର କଲା ।

### ମ୍ୟାକ୍‌ମୋହନ ରେଖା :

ଏହା ହେଉଛି ଭଟାନ୍ ର ପୂର୍ବକୁ ଭାରତ ଓ ଚୀନ ମଧ୍ୟରେ ସୀମାନ୍ତ ରେଖା । ୧୯୧୪ରେ ବ୍ରିଟିଶ୍ ଅଧିକୃତ ଭାରତ ତଥା ଚୀନ ଓ ତିବ୍ବତ୍ ର ପ୍ରତିନିଧି ମାନଙ୍କ ଏକ ସମ୍ମିଳନୀ ରେ ଏହି ରେଖା ନିର୍ଦ୍ଧାରିତ ହୋଇଥିଲା । ବ୍ରିଟିଶ୍ କ୍ୟାବିନେଟ୍ ରେ ଭାରତ ଦାୟିତ୍ୱ ରେ ଥିବା ସଚିବ ଆର୍ଥର ହେନ୍‌ରୀ ମ୍ୟାକ୍‌ମୋହନ ବ୍ରିଟିଶ୍ ଶାସିତ ଭାରତ ତରଫରୁ ଏହି ସମ୍ମିଳନୀରେ ପ୍ରତିନିଧିତ୍ୱ କରିଥିଲେ । ସେତେବେଳକୁ ତିବ୍ବତ ଚୀନ ସହ ସଂପୂର୍ଣ୍ଣ ଭାବରେ ମିଶି ସାରିଥିଲା । ଏହା ଦ୍ୱାରା ଭାରତ-ଚୀନ ସୀମାନ୍ତରେ ଚୀନ୍‌ର ସ୍ଥିତି ଅଧିକ ମଜବୁତ୍ ହୋଇଥିଲା ଏବଂ ସୀମାନ୍ତ ରେଖାରେ ଚୀନ ତା'ର ସୈନ୍ୟ ମୃତୟନ କରିସାରିଥିଲା । ଯେତେବେଳେ ମ୍ୟାକ୍‌ମୋହନ ରେଖା ପ୍ରସଙ୍ଗରେ ଭାରତ ଓ ଚୀନ ମଧ୍ୟରେ ବିବାଦ ଲାଗିରହିଥିଲା ସେତେବେଳେ ଅକ୍ଟୋବର ୧୯୬୨ମସିହାରେ 'ନେଫା' (NEFA) ତଥା ଲଦାଖ୍ ଅ*ଳରେ ଭାରତ ବିରୁଦ୍ଧରେ ଚୀନର ଭୀଷଣ ଆକ୍ରମଣ ଆରମ୍ଭ ହେଲା । ଉତ୍ତର ପୂର୍ବ ପଟେ ୨୦୦ ବର୍ଗ ମାଇଲ୍ ଏବଂ ଲଦାଖ ରେ ୧୫୦୦୦ ବର୍ଗ ମାଇଲ୍ ଭାରତୀୟ ଅ*ଳ ଅଧିକାର କରିବା ପରେ ଚୀନ ତରଫରୁ ଏକତରଫା ଯୁଦ୍ଧ ବିରତି ଘୋଷଣା କରାଗଲା ।

ଉଭୟ ଦେଶ ମଧ୍ୟରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଶ୍ରୀଲଙ୍କା ଏକ ବିଫଳ ପ୍ରୟାସ କରିଥିଲା । କଲୋତମ୍ବୋ ପ୍ରସ୍ତାବରେ ଥିବା ସର୍ତ୍ତରେ ଚୀନ ରାଜି ନ ହେବାରୁ ତାହା ଫଳପ୍ରଦ ହେଲାନାହିଁ । ଯୁଦ୍ଧ ପରେ ଦୀର୍ଘ ଦିନ ଧରି ଭାରତ ଓ ଚୀନ ମଧ୍ୟରେ ସଂପର୍କର ଉନ୍ନତି ଘଟିଲା ନାହିଁ । ଅପରନ୍ତୁ ଭାରତ କୁ ସୀମିତ ତଥା ଏକ ଘରିଆ କରିବା ଉଦ୍ଦେଶ୍ୟରେ ଚୀନ ନିଜ ତରଫରୁ ପାକିସ୍ଥାନ ସହ ବନ୍ଧୁତା ସ୍ଥାପନ କଲା ।

### ୨୮.୧.୨ ସଂପର୍କରେ ସୁଧାର

ଯଦିଓ ୧୯୭୬ ମସିହାରେ ଉଭୟ ଦେଶ ରାଷ୍ଟ୍ରଦୂତ ବିନିମୟ କରି ନିଜ ନିଜ ମଧ୍ୟରେ କୁଟନୈତିକ ସଂପର୍କ ପୁନଃ ସ୍ଥାପିତ କଲେ, ଦୁଇ ଦେଶ ମଧ୍ୟରେ ସଂପର୍କର ଉଲ୍ଲେଖନୀୟ ଉନ୍ନତି ୧୯୮୮ ମସିହାରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପାଞ୍ଚ ଦିନିଆ ସଫଳ ଚୀନ ଗସ୍ତ ପରେ ହିଁ ହୋଇଥିଲା । ସୀମା ବିବାଦକୁ ଆଲୋଚନା ମାଧ୍ୟମର ସମାଧାନ କରିବାକୁ ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ ହେଲେ । ୨୦୦୩ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚୀନ ଗସ୍ତ ଛଡ଼ା ଦୁଇ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳ ପରସ୍ପର ଦେଶକୁ ଗସ୍ତ କଲେ । ସୀମା ବିବାଦକୁ ବାଦ ଦେଇ ଅନ୍ୟ କ୍ଷେତ୍ରମାନଙ୍କରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କର ଉନ୍ନତି ଉପରେ ଉଭୟ ଗୁରୁତ୍ୱ ଆରୋପକଲେ । ସୀମା ବିବାଦର ସମାଧାନ ପର୍ଯ୍ୟନ୍ତ ବାସ୍ତବ ନିୟନ୍ତ୍ରଣ ରେଖାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ଉଭୟ ରାଜି ହେଲେ ।

ଚୀନର ଭାରତ ସମ୍ବନ୍ଧରେ ଦୃଷ୍ଟିଭଙ୍ଗରେ ଏକ ବଡ଼ଧରଣର ପରିବର୍ତ୍ତନ ଆସିଲା । ତତ୍‌କାଳୀନ ସୋଭିଏତ ରୁଷ୍ ସହିତ ସୀମା ବିବାଦର ସମାଧାନ ପରେ ଚୀନ ପ୍ରତି ଦକ୍ଷିଣ ପଟରୁ ବିବାଦର କୌଣସି ଆଶଙ୍କା ରହିଲା ନାହିଁ । ୧୯୭୯ ମସିହା ପରେ ଚୀନରେ ଉଦାରୀକରଣ ପ୍ରକ୍ରିୟା ଆରମ୍ଭ ହେଲା । ଚୀନ ର ମାତ୍ରାଧିକ ଉତ୍ପାଦିତ ବସ୍ତୁର ବିକ୍ରୟ ପାଇଁ ବଡ ବଜାର (Big Market)ର ଆବଶ୍ୟକତା ପଡ଼ିଲା । ଏହି ଉଦ୍ଦେଶ୍ୟରେ ୧୯୯୬ ମସିହାରେ ରାଷ୍ଟ୍ରପତି ଜିଆଙ୍ଗ୍ ଜେମିନ୍ ଭାରତ ଗସ୍ତର ଆସିଲେ । ଏହା ପ୍ରଥମ ଥର ଚୀନ ରାଷ୍ଟ୍ରମୁଖ୍ୟଙ୍କ

ଭାରତ ଗସ୍ତ ଥିଲା । ନାଗା ଓ ମିଜୋ ବିଦ୍ରୋହୀଙ୍କ ପ୍ରତି ସମର୍ଥନ ପ୍ରତ୍ୟାହାର; ସିକିମ୍‌ର ସ୍ଥିତି ସମ୍ବନ୍ଧରେ ଉଦ୍ଦେଶ୍ୟମୂଳକ ନୀରବତା (ଚୀନ ସିକିମ୍‌କୁ ଏକ ସ୍ୱାଧୀନ ରାଷ୍ଟ୍ର ହିସାବରେ ପରିଗଣିତ କରୁଥିଲା); ଏବଂ କାଶ୍ମୀର ସମ୍ବନ୍ଧରେ ନିରପେକ୍ଷ ସ୍ଥିତି ଅବଲମ୍ବନ କରିବା ଆଦି ଭାରତ ପ୍ରତି ଚୀନର ସକାରାତ୍ମକ ମନୋଭାବର ପରିଚୟ ଦେଲା ।

ମାତ୍ର ୧୯୯୮ରେ ଭାରତ ଦ୍ୱାରା ହୋଇଥିବା ଆଣବିକ ପରୀକ୍ଷଣ ପରେ ଦୁଇ ଦେଶ ମଧ୍ୟରେ ସଂପର୍କରେ ହଠାତ୍ କିଛି ସମୟ ପାଇଁ ଭଟ୍ଟା ପଡ଼ିଥିଲା । ଏହି ପରୀକ୍ଷଣ ବିରୁଦ୍ଧରେ ଚୀନ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା ଏବଂ ଜାତିସଂଘ ତଥା ଅନ୍ୟାନ୍ୟ ଆନ୍ତର୍ଜାତିକ ମଂଚରେ ଭାରତ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ଗୃହୀତ କରାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ଭାରତ ଏହି ପରୀକ୍ଷଣ ଦ୍ୱାରା ଏହି ଅଞ୍ଚଳରେ ଚୀନର ପ୍ରାଧାନ୍ୟକୁ ବ୍ୟର୍ଥ କରିବାକୁ ପ୍ରୟାସ କରୁଛି ବୋଲି ଚୀନ ମନେକଲା । ମାତ୍ର ୧୯୯୯ର କାର୍‌ଗୀଲ୍ କ୍ଷେତ୍ରରେ ଭାରତ -ପାକିସ୍ତାନ ଯୁଦ୍ଧ ସମୟରେ ଚୀନ ର ନିରପେକ୍ଷ ନୀତି ଭାରତ ପ୍ରତି ନରମ ତଥା ବନ୍ଧୁତାପୂର୍ଣ୍ଣ ମନୋଭାବର ପରିଚୟ ଦେଇଥିଲା । ବାସ୍ତବରେ ଏହି ଯୁଦ୍ଧରେ ହସ୍ତକ୍ଷେପ କରିବାକୁ ଚୀନ ରାଜି ନ ହେବାରୁ ଯୁଦ୍ଧର ଅବସାନ ନିମନ୍ତେ ପାକିସ୍ତାନ ବାଧ୍ୟ ହୋଇଥିଲା ।

ମାତ୍ର ୨୦୦୩ରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚୀନ ଗସ୍ତ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଘନିଷ୍ଠ ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କର ପୁନଃ ନବୀକରଣରେ ସହାୟକ ହୋଇଥିଲା । ସୀମା ସମ୍ବନ୍ଧୀୟ ରାଜିନାମାରେ ସିକିମର ନାଥୁଲା ଗିରି ସଂକଟ (Nathula Pass)କୁ ସୀମାନ୍ତ ସଂକଟ (border pass) ର ସ୍ୱୀକୃତି ମିଳିଲା । ଅନ୍ୟ ଅର୍ଥରେ ସିକିମକୁ ଏକ ସ୍ୱାଧୀନ ରାଷ୍ଟ୍ର ହିସାବରେ ଚୀନ ଆଉ ପରିଗଣନା କଲାନାହିଁ । ଆଉ ଏକ ଉଲ୍ଲେଖନୀୟ ଘଟଣା ହେଉଛି ଉଭୟ ଦେଶ ପକ୍ଷରୁ ପ୍ରକାଶିତ ମିଳିତ ଘୋଷଣାନାମା ଯେଉଁଥିରେ କି ରାଜଦୈତିକ ସ୍ତରରେ ସୀମା ସ୍ଥିରୀକରଣ ସମ୍ବନ୍ଧୀୟ ଥାଟ(frame work) ର ଆବଶ୍ୟକତାକୁ ଉଭୟ ଦେଶ ସ୍ୱୀକାର କରିଥିଲେ । ରାଜନୈତିକ ସ୍ତରରେ ହିଁ କେବଳ ବିବାଦର ସମାଧାନ ହୋଇପାରିବ ବୋଲି ଉଭୟ ଦେଶ ହୃଦୟଙ୍ଗମ କରିଥିଲେ । ଏଥିରୁ ଆଲୋଚନା ସମ୍ବନ୍ଧରେ କାଳକ୍ଷେପଣ ନୀତିକୁ ବେଜିଂ ପରିହାର କରିଛି ବୋଲି ସ୍ପଷ୍ଟ ହେଲା । ଆଲୋଚନା ନିମନ୍ତେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଓ ଚୀନର ଉପମନ୍ତ୍ରୀ (Vice Minister)ଙ୍କୁ ଦାୟିତ୍ୱ ଦିଆଗଲା । କୁଟନୈତିକ ତଥା ରାଜନୈତିକ କ୍ଷେତ୍ରରେ ବିକାଶ ସାଙ୍ଗକୁ ଦ୍ୱିପାକ୍ଷିକ ସଂପର୍କକୁ ମଜବୁତ କରିବାପାଇଁ ଅର୍ଥନୈତିକ ସମ୍ବନ୍ଧ ଉପରେ ମଧ୍ୟ ଗୁରୁତ୍ୱ ଦିଆଗଲା । ବହୁତ ଶୀଘ୍ର ଭାରତ ଓ ଚୀନ୍ ସୀମା ପାର ବାଣିଜ୍ୟ ର ପରିମାଣ ୧୦୦୦କୋଟି ଡଲାରକୁ ଟପିଗଲା ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୮.୧


୧। ଚୀନ________ ମସିହାରେ ଏକ କମ୍ୟୁନିଷ୍ଟ ରାଷ୍ଟ୍ରରେ ପରିଣତ ହେଲା

(୧୯୪୭, ୧୯୪୯,୧୯୬୨)

୨। ଆଫ୍ରିକୀୟ ଓ ଏସୀୟ ରାଷ୍ଟ୍ରମାନଙ୍କର ବାନଡଙ୍ଗ୍ ସମ୍ମିଳନୀ ________ ମସିହାରେ ଅନୁଷ୍ଠିତ ହୋଇଥିଲା । (୧୯୪୫, ୧୯୪୯,୧୯୫୫)

୩। ପୂର୍ବ କ୍ଷେତ୍ରରେ ________କୁ ଭାରତ ଓ ଚୀନ ମଧ୍ୟରେ ସୀମାନ୍ତ ରେଖା ହିସାବରେ ପରିଗଣନା କରାଯାଏ । (ହୁଆଙ୍ଗ୍ ହୁଆ ସୀମାନ୍ତ, ମ୍ୟାକ୍‌ମୋହନ ରେଖା, ଭାରତ-ଚୀନସୀମାନ୍ତ)

୪। ଚୀନ ଅର୍ଥନୀତିର ଉଦାରୀକରଣ________ରେ ହୋଇଥିଲା । (୧୯୭୦ ଦଶକର ଆଦ୍ୟ ଭାଗ, ୧୯୭୦ ଦଶକର ଶେଷ ଭାଗ, ୧୯୯୦ ଦଶକର ଆରମ୍ଭ)



Notes

୫। ଚୀନ୍ ରାଷ୍ଟ୍ରପତି ________ ୧୯୯୬ରେ ଭାରତ ଗସ୍ତରେ ଆସିଥିଲେ ।
(ଚାଉ-ଏନ୍‌ଲାୟ, ମାଓ ସେତୁଙ୍ଗ, ଜିଆଙ୍ଗ ଜେମିନ୍)

---

## ୨୮.୨ ଭାରତ ଓ ପାକିସ୍ଥାନ

ଭାରତ ଓ ପାକିସ୍ଥାନ ମଧ୍ୟରେ ଯେତିକି ସାମଞ୍ଜସ୍ୟ ରହିଛି ତାହା ପୃଥିବୀର ଅନ୍ୟ କୌଣସି ଦୁଇ ଦେଶ ମଧ୍ୟରେ ପ୍ରାୟତଃ ଦେଖାଯାଏ ନାହିଁ । ଏହା ସତ୍ତ୍ୱେ ବି ଉଭୟ ଦେଶ ସର୍ବଦା ପରସ୍ପର ସହ, ଭିନ୍ନ ଭିନ୍ନ ମାତ୍ରାର ଅଘୋଷିତ ଯୁଦ୍ଧରେ ଲିପ୍ତ ରହିଛନ୍ତି । ୧୯୯୯ ମସିହାରେ କାର୍‌ଗୀଲ୍‌ରେ ପାକିସ୍ଥାନ ଆକ୍ରମଣ ଯୋଗୁଁ ଉଭୟ ଦେଶ ମଧ୍ୟରେ ଆଣବିକ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଥିଲା । ଉଭୟ ଦେଶ ମଧ୍ୟରେ ଥିବା ସନ୍ଦେହ ତଥା ଅବିଶ୍ୱାସର ବୀଜର ବପନ ୧୯୪୭ ମସିହାର ଭାରତର ବିଭାଜନ ପୂର୍ବରୁ ହୋଇଥିଲା । ସ୍ୱାଧୀନତା ସଂଗ୍ରାମ ସମୟରେ ଏକ ସ୍ୱତନ୍ତ୍ର ମୁସ୍‌ଲିମ୍ ରାଷ୍ଟ୍ର ପ୍ରତିଷ୍ଠା ଉଦ୍ଦେଶ୍ୟରେ ମହମ୍ମଦ ଅଲ୍ଲି ଜୀନ୍ନାଙ୍କ ନେତୃତ୍ୱରେ ମୁସ୍‌ଲିମ୍ ଲିଗ୍ ଏକ "ଦ୍ୱି-ରାଷ୍ଟ" ତତ୍ତ୍ୱର ପ୍ରଚାର କରିଥିଲା । ହିନ୍ଦୁ ଓ ମୁସଲମାନ୍ ଦୁଇଟି ଭିନ୍ନ ସଂପ୍ରଦାୟ ଏବଂ ଉଭୟଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନର ଆବଶ୍ୟକତା ରହିଛି ବୋଲି ଜିନ୍ନା ଯୁକ୍ତି ବାଢ଼ିଥିଲେ । ଏହି ଯୁକ୍ତିକୁ ଭାରତୀୟ ଜାତୀୟ କଂଗ୍ରେସ ଦୀର୍ଘଦିନ ଧରି ପ୍ରତ୍ୟାଖାନ କରିଥିଲା ଏବଂ ଭାରତର ବିଭାଜନ ସମ୍ବନ୍ଧୀୟ ଚିନ୍ତାଧାରାକୁ ଗ୍ରହଣ କରିନଥିଲା । ତେଣୁ ପରବର୍ତ୍ତୀ ସମୟରେ ଭାରତ ଏହି ବିଭାଜନ କୁ ରଦ୍ଦ କରିବା ସହ ପାକିସ୍ଥାନକୁ ଭାଗ ଭାଗ କରିବା ପାଇଁ ଚେଷ୍ଟିତ ବୋଲି ପାକିସ୍ଥାନ ମନରେ ଆଶଙ୍କା ସୃଷ୍ଟି ହୋଇଥିଲା । ପୁଣି ଏହି ଅଞ୍ଚଳରେ ଭାରତର ପ୍ରଭାବ ତଥା ପାକିସ୍ଥାନ ତୁଳନାରେ ଭାରତର ଅଧିକ ଶକ୍ତି ପାକିସ୍ଥାନକୁ ଚିନ୍ତିତ କରିଥିଲା । କାଶ୍ମୀର ବିନା ଏହା ଅସଂପୂର୍ଣ୍ଣ ବୋଲି ପାକିସ୍ଥାନ ର ବୋଧ ହୋଇଥିଲା । ଅନ୍ୟପକ୍ଷରେ ଭାରତ ସହ କାଶ୍ମୀର ର ମିଶ୍ରଣ ଅପରିବର୍ତ୍ତନୀୟ ଏବଂ କାଶ୍ମୀର ଭାରତୀୟ ଧର୍ମନିରପେକ୍ଷ ତଥା ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଭାରତ ଯୁକ୍ତି ବାଢ଼ିଥିଲା ।

### ୨୮.୨.୧ କାଶ୍ମୀର ପ୍ରସଙ୍ଗ

୧୯୪୭ ମସିହାର ଭାରତ ବିଭାଜନ ସମୟରେ ଜମ୍ମୁ ଓ କାଶ୍ମୀର ଏକ ଦେଶୀୟ ରାଜ୍ୟ ଥିଲା ଏବଂ ଏହାର ଭବିଷ୍ୟତ ନେଇ ଅନିଶ୍ଚିତା ଲାଗିରହିଥିଲା । କାଶ୍ମୀର ର ସଂଖ୍ୟାଧିକ ଲୋକ ମୁସଲମାନ ହୋଇଥିବାରୁ ପାକିସ୍ଥାନ ସହ ଏହାର ମିଶ୍ରଣ ନେଇ ପାକିସ୍ଥାନ ଇଚ୍ଛା ପ୍ରକାଶ କରିଥିଲା । ମାତ୍ର ଏହି ଯୁକ୍ତିକୁ ଜାତୀୟ କଂଗ୍ରେସର ବରିଷ୍ଠ ନେତାମାନେ ପ୍ରତ୍ୟାଖାନ କରିଥିଲେ । ଯେତେବେଳେ ୧୯୪୭ ମସିହା ଅକ୍ଟୋବର ମାସରେ କାଶ୍ମୀର ଉପତ୍ୟକାକୁ ପାକିସ୍ଥାନ ସଶସ୍ତ୍ର ଅନୁପ୍ରବେଶକାରୀଙ୍କୁ ପଠାଇଲା ସେମାନଙ୍କୁ ଘଉଡ଼ାଇବା ପାଇଁ କାଶ୍ମୀର ର ଶାସକ ମହାରାଜ ହରି ସିଂହ ଭାରତର ସାହାଯ୍ୟ ଲୋଡ଼ିଥିଲେ ଏବଂ ଭାରତ ସହ କାଶ୍ମୀରର ମିଶ୍ରଣ ନେଇ ଏକ ଚୁକ୍ତି (Instrument of Accession) ସ୍ୱାକ୍ଷରିତ ହୋଇଥିଲା । ଯାହା ପରଠାରୁ ଜାମ୍ମୁ ଓ କାଶ୍ମୀର ଭାରତର ଏକ ଅଂଶ ଭାବରେ ପରିଗଣିତ ହେଲା । ଏହି ସମୟରେ ଏକ ପ୍ରକୃତ ଗଣତନ୍ତ୍ରବାଦୀ ନେତା ହିସାବରେ ପ୍ରଧାନ ମନ୍ତ୍ରୀ ନେହରୁ ଘୋଷଣା କରିଥିଲେ ଯେ ପାକିସ୍ଥାନର ଅନୁପ୍ରବେଶକାରୀଙ୍କୁ ହଟାଇ ଦିଆଯିବା ପରେ କାଶ୍ମୀର ସ୍ଥିତି ସେଠାକାର ଜନସାଧାରଣଙ୍କ ସ୍ୱାଧୀନ ଇଚ୍ଛା ଦ୍ୱାରା ନିର୍ଦ୍ଧାରିତ ହେବ ।

ଯେହେତୁ ଭାରତ ପାକିସ୍ଥାନ ସହ ଯୁଦ୍ଧ ଚାହୁଁ ନ ଥିଲା, କାଶ୍ମୀର ସମସ୍ୟାର ସମାଧାନର ଦାୟିତ୍ୱ ମିଳିତ ଜାତିସଂଘକୁ ପ୍ରଦାନ କରିଥିଲା । ଭାରତୀୟ ସୈନ୍ୟବାହିନୀ ଶ୍ରୀନଗରକୁ କାଶ୍ମୀର ଅନୁପ୍ରବେଶକାରୀଙ୍କ କବଳରୁ ମୁକ୍ତ କଲେ ଏବଂ ସେମାନଙ୍କୁ କାଶ୍ମୀର ଉପତ୍ୟକାରୁ ଘଉଡ଼ାଇ ଦେଲେ । ମାତ୍ର ଭାରତୀୟ ସେନା କାଶ୍ମୀର ର ସମସ୍ତ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ଆଣିପାରିଲେ ନାହିଁ କାରଣ ସେଥିପାଇଁ ଏକ ପ୍ରତ୍ୟକ୍ଷ ତଥା କଠିନ ଯୁଦ୍ଧର

ଆବଶ୍ୟକତା ଥିଲା । ୧୯୪୮ ମସିହାରେ ଭାରତ ଜାତିସଂଘର ସହାୟତା ଲୋଡ଼ିଥିଲା । ଜାନୁଆରୀ ୧, ୧୯୪୯ ମସିହରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ବିରତି ଲାଗୁ ହେଲା । ମାତ୍ର ପାକିସ୍ଥାନ ନିୟନ୍ତ୍ରଣରେ କାଶ୍ମୀରର ଅନେକ ଅଞ୍ଚଳ (ପ୍ରାୟ ୨/୫ ଅଂଶ) ରହିଗଲା । ଯାହା ଆମେ ପାକିସ୍ଥାନ ଅଧିକୃତ କାଶ୍ମୀର ବୋଲି କହିଥାଉ । ଉଭୟ ଦେଶ ମଧ୍ୟରେ ବିବାଦର ସମାଧାନ ନିମନ୍ତେ ଜାତିସଂଘର ମଧ୍ୟସ୍ଥତାରେ ଅନେକ ପ୍ରସ୍ତାବ ଆସିଲା । ମାତ୍ର କୌଣସି ଫଳପ୍ରଦ ହେଲାନାହିଁ ।

କାଶ୍ମୀର ସମସ୍ୟା ଆଜି ପର୍ଯ୍ୟନ୍ତ ଅମିମାଂସିତ ରହିଛି । ଜାତିସଂଘର ୧୯୪୮ ମସିହାର ପ୍ରସ୍ତାବ ଅନୁଯାୟୀ କାଶ୍ମୀରରେ ଗଣଭୋଟ ନିମନ୍ତେ ପ୍ରଥମେ ଅଧିକୃତ ଅଞ୍ଚଳରୁ ପାକିସ୍ଥାନ ର ସୈନ୍ୟ ପ୍ରତ୍ୟାହାର ଆବଶ୍ୟକ ଯେଉଁଥି ପାଇଁ ପାକିସ୍ଥାନ ପ୍ରସ୍ତୁତ ନ ଥିଲା । ତେଣୁ ୧୯୫୪ ମସିହାରେ କାଶ୍ମୀରେ କାଶ୍ମୀର ର ବିଧେୟକ ସଭା ଗଠନ ନିମନ୍ତେ ନିର୍ବାଚନ ହୋଇଥିଲା ଯେଉଁଥିରୁ କି ଭାରତ ସହ ମିଶ୍ରଣ ସମ୍ବନ୍ଧରେ କାଶ୍ମୀର ବାସୀଙ୍କ ସକାରାତ୍ମକ ମତର ସ୍ପଷ୍ଟ ସୂଚନା ମିଳିଥିଲା । କାଶ୍ମୀର ସମ୍ବନ୍ଧରେ ଆଉ କୌଣସି ମଧ୍ୟସ୍ଥତାର ଆବଶ୍ୟକତା ନାହିଁ ବୋଲି ଭାରତ ଅନୁଭବ କରିଥିଲା । ମାତ୍ର କାଶ୍ମୀରକୁ ଅଧିକାର କରିବାପାଇଁ ପାକିସ୍ଥାନ ବ୍ୟଗ୍ର ଥିଲା ।୧୯୬୨ ମସିହାର ଚୀନ ଯୁଦ୍ଧରେ ଭାରତର ପରାଜୟ ପରେ ଭାରତୀୟ ସେନା ଦୁର୍ବଳ ହୋଇ ପଡ଼ିଛନ୍ତି ଭାବି କାଶ୍ମୀର ଅଧିକାର ଉଦ୍ଦେଶ୍ୟରେ ପାକିସ୍ଥାନ ୧୯୬୫ ମସିହାରେ ଭାରତ ବିରୁଦ୍ଧରେ ଯୁଦ୍ଧ କରିଥିଲା । ମାତ୍ର ଭାରତୀୟ ସେନା ପାକିସ୍ଥାନର ଏହି ଯୋଜନାକୁ ପଣ୍ଡ କରିଦେଇଥିଲେ ।

## ନିୟନ୍ତ୍ରଣ ରେଖା :

୧୯୪୯ ମସିହାର ଯୁଦ୍ଧବିରତି ରେଖାକୁ ୧୯୭୨ ମସିହା ପରଠାରୁ ନିୟନ୍ତ୍ରଣ ରେଖା ବୋଲି କୁହାଯାଉଛି, କିଛି ଲୋକଙ୍କ ମତରେ ଏହି ନିୟନ୍ତ୍ରଣ ରେଖାକୁ ଯଦି ଦୁଇଦେଶର ଆନ୍ତର୍ଜାତିକ ସୀମା ରେଖାରେ ବଦଳାଇ ଦିଆଯାଇପାରନ୍ତା ତେବେ କାଶ୍ମୀର ସମ୍ବନ୍ଧିତ ଭାରତ-ପାକିସ୍ଥାନ ସମସ୍ୟାର ସମାଧାନ ହୋଇଯାଆନ୍ତା ।

ପୁଣି ଯେତେବେଳେ ପୂର୍ବ ପାକିସ୍ଥାନ, ଯାହାକି ପଶ୍ଚିମ ପାକିସ୍ଥାନ ଠାରୁ ୧୦୦୦ ମାଇଲ ଦୂରରେ ଅବସ୍ଥିତ ଥିଲା, ୧୯୭୧ରେ ସଫଳତାପୂର୍ବକ ସ୍ୱାଧୀନତା ସଂଗ୍ରାମ ଚଳାଇ ସ୍ୱାଧୀନ ଦେଶ ରୂପେ ଉଭା ହେଲା ପାକିସ୍ଥାନକୁ ଏକ ବଡ଼ ଝଟକା ଲାଗିଲା । ବଙ୍ଗଳାଦେଶର ମୁକ୍ତିରେ ଭାରତ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା । ବଙ୍ଗଳାଦେଶର ଜନ୍ମ,''ଦ୍ୱି-ରାଷ୍ଟ୍ର'' ତତ୍ତ୍ୱ , ଯାହା ଆଧାରରେ ପାକିସ୍ଥାନ କାଶ୍ମୀର ଦାବି କରୁଥିଲା ତା'ର ଅନ୍ତ ଘଟାଇଲା । ପାକିସ୍ଥାନର ଆକାର ଭାରତର ଏକ-ଚତୁର୍ଥାଂଶ ହୋଇଗଲା । ଏହାଦ୍ୱାରା ଦକ୍ଷିଣ ଏସିଆରେ କ୍ଷମତାର ସନ୍ତୁଳନ ଭାରତ ସପକ୍ଷରେ ଢ଼ଳିଥିଲା ।

ସଂପର୍କରେ ସୁଧାର ଆଣିବା ଉଦ୍ଦେଶ୍ୟରେ ଭାରତ ପାକିସ୍ଥାନକୁ ଆଲୋଚନା ନିମନ୍ତେ ଆମନ୍ତ୍ରଣ କରିଥିଲା ଓ ୧୯୭୨ରେ "ସିମଳା ରାଜିନାମା'' ସ୍ୱାକ୍ଷରିତ ହୋଇଥିଲା । ଏହି ରାଜିନାମା ଦ୍ୱାରା ଉଭୟ ଦେଶ କାଶ୍ମୀର ସମେତ ସମସ୍ତ ଦ୍ୱିପାକ୍ଷିକ ସମସ୍ୟାର ସମାଧାନ ତୃତୀୟ ପକ୍ଷର ବିନା ମଧ୍ୟସ୍ଥତା ବା ହସ୍ତକ୍ଷେପରେ ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଏ ଦୃଷ୍ଟିରୁ କୌଣସି ଆନ୍ତର୍ଜାତିକ ଅନ୍ୟ ମଞ୍ଚରେ କାଶ୍ମୀର ପ୍ରସଙ୍ଗ ଉତ୍ଥାନ କରାଯାଇପାରିବ ନାହିଁ । ମାତ୍ର ଅନେକ ସମୟରେ ପାକିସ୍ଥାନ ଏହି ବ୍ୟବସ୍ଥାର ଉଲଘଂନ କରିଛି । ଏହି ରାଜିନାମାରେ ଯୁଦ୍ଧ ବନ୍ଦୀ ପ୍ରତ୍ୟାର୍ପଣ ସମ୍ବନ୍ଧିତ ବ୍ୟବସ୍ଥା ମଧ୍ୟ ରଖାଯାଇଥିଲା । ଭାରତ ଅଧିକାର ରେ ଥିବା ପାକିସ୍ଥାନୀ ଅଞ୍ଚଳକୁ ଫେରାଇଦେବା ପାଇଁ ଭାରତ ରାଜି ହୋଇଥିଲା । ୧୯୪୮-୪୯ ମସିହାର ଯୁଦ୍ଧ ବିରତି ରେଖା ବଦଳରେ ଏକ ନୂତନ ଯୁଦ୍ଧ ବିରତି ରେଖା, ଯାହାକୁ ନିୟନ୍ତ୍ରଣ ରେଖା ବୋଲି କୁହାଗଲା, ପାଇଁ ଭାରତ ରାଜି ହେଲା । ଏହା

ସତ୍ତ୍ୱେ ବି ପାକିସ୍ଥାନ, ପ୍ରତ୍ୟକ୍ଷ ଯୁଦ୍ଧ ନକରି, ପରୋକ୍ଷ ଭାବରେ ପଞ୍ଜାବରେ ସନ୍ତାସବାଦୀ କାର୍ଯ୍ୟକଳାପକୁ ସହଯୋଗ କରି ଏବଂ ୧୯୮୦ଦଶକର ମଧ୍ୟ ଭାଗରେ ଜାମ୍ମୁ ଓ କାଶ୍ମୀରରେ ରାଷ୍ଟ୍ର ପ୍ରାୟୋଜିତ ଉଗ୍ରବାଦ ସୃଷ୍ଟିକରି ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରୟାସ ଜାରି ରଖିଛି । ଏ ଯାବତ୍ କାଶ୍ମୀର ରେ ଉଗ୍ରବାଦୀ ଓ ବିଚ୍ଛିନ୍ନବାଦୀ ଶକ୍ତି ମାନଙ୍କୁ ପାକିସ୍ଥାନ ପ୍ରୋତ୍ସାହନ ଯୋଗାଇ ଚାଲିଛି । ଅନେକ ସଂଖ୍ୟାରେ ଉଗ୍ରବାଦୀ ତାଲିମ କେନ୍ଦ୍ର ପାକିସ୍ଥାନ ଅଧିକୃତ କାଶ୍ମୀରରେ ପ୍ରତିଷ୍ଠିତ ହୋଇଛି ।

୧୯୭୨ର ସିମଳା ରାଜିନାମା ଦ୍ୱାରା ଭାରତ ଓ ପାକିସ୍ଥାନ ରାଜି ହୋଇଥିବା ନିୟନ୍ତ୍ରଣ ରେଖାର ପବିତ୍ରତାକୁ ୧୯୯୯ ମଇ ମାସରେ ପାକିସ୍ଥାନ ନଷ୍ଟ କରିଥିଲା । ଏକ ବଡ଼ ଯୋଜନାର ଅଂଶ ସ୍ୱରୂପ କାଶ୍ମୀର ର କାରଗୀଲ, ଡ୍ରାସ୍ ଓ ବ୍ୟାଟେଲିକ୍ ଠାରେ ପାକିସ୍ଥାନ ସୈନ୍ୟବାହିନୀ ନିୟନ୍ତ୍ରଣ ରେଖାକୁ ଅତିକ୍ରମ କରି ଭାରତରେ ପ୍ରବେଶ କଲେ । ଏହା ଫଳରେ ସୃଷ୍ଟି ହୋଇଥିବା ୬୦ଦିନର ଯୁଦ୍ଧରେ ଭାରତୀୟ ସେନା ପାକିସ୍ଥାନକୁ ଠିକଣା ଜବାବ ଦେଲେ । କାର୍‌ଗୀଲ ଯୁଦ୍ଧ ପଛରେ ପାକିସ୍ଥାନ ର ପ୍ରକୃତ ଉଦ୍ଦେଶ୍ୟ ଥିଲା ଏକ ସଂକଟ ସୃଷ୍ଟି କରି ଆଣବିକ ଯୁଦ୍ଧର ସମ୍ଭାବନା ସୃଷ୍ଟି କରିବା, ଯଦ୍ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକା ପାକିସ୍ଥାନର କାଶ୍ମୀର ସମ୍ବନ୍ଧିତ ଦାବି ସପକ୍ଷରେ ହସ୍ତକ୍ଷେପ କରିଥା'ନ୍ତା । ମାତ୍ର ଯୁକ୍ତରାଷ୍ଟ୍ର କିମ୍ବା ଚୀନ ପାକିସ୍ଥାନକୁ ଏଥିରେ ସହଯୋଗ କଲେ ନାହିଁ । ବାସ୍ତବରେ ଏହାଦ୍ୱାରା ପାକିସ୍ଥାନର କୁଟନୈତିକ ତଥା ସାମରିକ ପରାଜୟ ଘଟିଥିଲା ।

## ୨୮.୨.୨ ଆଣବିକ ପରୀକ୍ଷା ଏବଂ ସଂପର୍କର ଉନ୍ନତି ନିମନ୍ତେ ପ୍ରୟାସ

ମଇ ୧୯୯୮ରେ ଭାରତ ଓ ପାକିସ୍ଥାନ ଦ୍ୱାରା କରାଯାଇଥିବା ଆଣବିକ ପରୀକ୍ଷା ପରିପ୍ରେକ୍ଷୀରେ ଉଭୟ ଦେଶର ସଂପର୍କ ଏକ ନୂଆ ମୋଡ଼ ନେଇଥିଲା । ଉଭୟ ଦେଶ ମଧ୍ୟରେ ସଂପର୍କ ଅତି ନିମ୍ନ ସ୍ତରକୁ ଖସିଯାଇଥିଲା । ୧୯୭୦ ଦଶକ ର ମଧ୍ୟ ଭାଗରୁ ଆଣବିକ କ୍ଷମତା ବଢ଼ାଇବା ଦିଗରେ ପାକିସ୍ଥାନକୁ ଚୀନ ଗୁପ୍ତ ଭାବରେ ସହଯୋଗ କରିଆସୁଛି । ଏହା ଭାରତ ପାଇଁ ଆଣବିକ ବିପଦ ସୃଷ୍ଟି କରିଛି । ପାକିସ୍ଥାନ ର ଆଣବିକ ନୀତି ଯେ ଭାରତ ବିରୁଦ୍ଧରେ ଉଦ୍ଦିଷ୍ଟ ଏହା ନିଃସନ୍ଦେହରେ କୁହାଯାଇପାରେ ।

ମଇ ୧୯୯୮ ର ଆଣବିକ ପରୀକ୍ଷା ଦ୍ୱାରା ସୃଷ୍ଟି ହୋଇଥିବା ତିକ୍ତତା ତଥା ଉତ୍ତେଜନା ଯେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲି ପାରିବନାହିଁ ତାହା ପରିବର୍ତ୍ତୀ ସମୟରେ ଉଭୟ ଦେଶ ଅନୁଭବ କରିଥିଲେ ସଂପର୍କରେ ସୁଧାର ଆଣିବା ନିମନ୍ତେ ଉଭୟ ଦେଶ ମଧ୍ୟରେ ବୈଦେଶିକ ସଚିବ ସ୍ତରରେ ଆଲୋଚନା ଆରମ୍ଭ ହେଲା ଏବଂ ଦିଲ୍ଲୀ ଓ ଲାହୋର ମଧ୍ୟରେ ସିଧାସଳଖ ବସଯାତ୍ରା ନିମନ୍ତେ ପ୍ରସ୍ତାବ ରଖାଗଲା । ୧୯୯୮ ମସିହାରେ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ "ବସ କୁଟନୀତି'' (Bus Diplomacy) ଉଭୟ ଦେଶ ମଧ୍ୟରେ ଯଥେଷ୍ଟ ସଦିଚ୍ଛା ସୃଷ୍ଟି କରିଥିଲା । ସେ ସମୟରେ ସ୍ୱାକ୍ଷରିତ ଲାହୋର ଘୋଷଣାନାମାରେ କାଶ୍ମୀର ସମେତ ସମସ୍ତ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ଗୁରୁତ୍ୱ ଆରୋପ କରାଗଲା । କାଶ୍ମୀର ସମେତ ଅନ୍ୟାନ୍ୟ ପାରସ୍ପରିକ ଲାଭଦାୟୀ ପ୍ରସଙ୍ଗ ସମ୍ବନ୍ଧରେ ଆଲୋଚନା ପାଇଁ ଭାରତ ରାଜି ହୋଇଥିଲା ବେଳେ ପାକିସ୍ଥାନ ଦ୍ୱିପାକ୍ଷିକ ସମାଧାନ ପ୍ରସ୍ତାବରେ ସହମତି ପ୍ରକାଶ କରିଥିଲା । ଏକ " ପୂର୍ଣ୍ଣାଙ୍ଗ ତଥା ଯୌଗିକ'' ଆଲୋଚନା ପ୍ରକ୍ରିୟା ଜାରି ରଖିବା ପାଇଁ ଉଭୟ ପକ୍ଷ ରାଜି ହୋଇଥିଲେ ଏବଂ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସୀମାବଦ୍ଧ ରହି ଆଲୋଚନା ପ୍ରକ୍ରିୟାକୁ ବ୍ୟାହତ ନ କରିବା ପାଇଁ ସହମତ ହୋଇଥିଲେ । କାର୍‌ଗୀଲ ଯୁଦ୍ଧ ତଥା ପାର୍ଲିଆମେଣ୍ଟ ଉପରେ ଆତଙ୍କବାଦୀ ହମଲା (ଡିସେମ୍ବର, ୨୦୦୧) ସତ୍ତ୍ୱେ ନିଃସର୍ତ୍ତ ଆଲୋଚନା ପ୍ରକ୍ରିୟା ଆରମ୍ଭ କରାଗଲା । ଏହି ଆଲୋଚନା ଗୁଡ଼ିକରେ ନିୟନ୍ତ୍ରଣ ରେଖାର ଉଭୟ ପାର୍ଶ୍ୱରେ ଥିବା ଲୋକମାନଙ୍କ ମଧ୍ୟରେ ସିଧାସଳଖ ସଂପର୍କ ସ୍ଥାପନ ତଥା ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ସଂପର୍କର ବିକାଶ ଉପରେ ଗୁରୁତ୍ୱ ଆରୋପ କରାଗଲା ।

ସରକାରରେ ପରିବର୍ତ୍ତନ ସତ୍ତ୍ୱେ ପାକିସ୍ଥାନ ସହିତ ଶାନ୍ତିପୂର୍ଣ୍ଣ ତଥା ଗଠନ ମୂଳକ ସହାବସ୍ଥାନ ସମ୍ବନ୍ଧରେ ଆମର ପ୍ରତିଶ୍ରୁତିରୁ ଆମେ ବିଚ୍ୟୁତ ହୋଇ ନାହିଁ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୮.୨

ନିମ୍ନୋକ୍ତ ବାକ୍ୟ ଗୁଡ଼ିକ ଠିକ୍ କିମ୍ବା ଭୁଲ୍ ଦର୍ଶାଅ

୧। ଭାରତୀୟ ଜାତୀୟ କଂଗ୍ରେସ "ଦ୍ୱି-ରାଷ୍ଟ୍ର'' ତତ୍ତ୍ୱକୁ ଗ୍ରହଣ କରିଥିଲା । (ଠିକ୍/ଭୁଲ୍)

୨। ଜାମ୍ମୁ ଓ କାଶ୍ମୀରର ମହାରାଜା ହରିସିଂହ ଉଭୟ ଭାରତ ଓ ପାକିସ୍ଥାନର ସହାୟତା ଲୋଡ଼ିଥିଲେ ମାତ୍ର ଭାରତ କେବଳ ସହାୟତା ଯୋଗାଇଥିଲା । (ଠିକ୍/ଭୁଲ୍)

୩। ପାକ୍ ଅଧିକୃତ କାଶ୍ମୀରକୁ ପାକିସ୍ଥାନରେ "ଆଜାଦ୍ କାଶ୍ମୀର'' ବୋଲି କୁହାଯାଏ । (ଠିକ୍/ଭୁଲ୍)

୪। ଏପ୍ରିଲ ୧୯୭୧ରେ ପୂର୍ବ ପାକିସ୍ଥାନ ର ଅଧିବାସୀ ମାନେ ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ । (ଠିକ୍ / ଭୁଲ୍)

୫। ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ୧୯୭୨ରେ ସିମଳା ରାଜିନାମା ସ୍ୱାକ୍ଷରିତ ହୋଇଥିଲା ।

(ଠିକ୍ /ଭୁଲ୍)

୬। ଭାରତ ଦ୍ୱାରା ମଇ ର ୧୯୭୨ରେ କରାଯାଇଥିବା ଆଣବିକ ପରୀକ୍ଷାର ଠିକ୍ ପରେ ପରେ କାରଗୀଲ୍ ଯୁଦ୍ଧ ହୋଇଥିଲା । (ଠିକ୍ /ଭୁଲ୍)

## ୨୮.୩ ଭାରତ ଓ ଶ୍ରୀଲଙ୍କା

ଶ୍ରୀଲଙ୍କା (ଯାହାକି ୧୯୭୨ ମସିହା ପର୍ଯ୍ୟନ୍ତ ସିଂହଳ ଭାବେ ପରିଚିତ ଥିଲା) ଭାରତର ଦକ୍ଷିଣରେ ଭାରତ ମହାସାଗରରେ ଅବସ୍ଥିତ ଏକ ଛୋଟ ଦ୍ୱୀପ ରାଷ୍ଟ୍ର । ଏହାର ସୁମୁଦାୟ ଅଞ୍ଚଳ ହେଉଛି ୨୫,୩୩୨ ବର୍ଗ ମାଇଲ୍ । ଏହା ହେଉଛି ଭାରତର ନିକଟତମ ପଡୋଶୀ ରାଷ୍ଟ୍ର । ଭାରତୀୟ ରାଜ୍ୟ ତାମିଲନାଡୁ ର ଦକ୍ଷିଣତମ ଅଞ୍ଚଳକୁ ଉତ୍ତର ଶ୍ରୀଲଙ୍କାର ଜାଫ୍ନା ଠାରୁ ପାକ୍ ପୟଃପ୍ରଣାଳୀ (Palk strait)ର ୧୮ ମାଇଲ ଚଉଡାର ଅଗଭୀର ଜଳରାଶି ଅଲଗା କରୁଛି । ଭାରତ ମହାସାଗରରେ ଏହାର ଭୌଗଳିକ ଓ ସାମରିକ ଦୃଷ୍ଟିକୋଣରୁ ଅବସ୍ଥିତି (ବାଣିଜ୍ୟ ଓ ସାମରିକ ଉଦ୍ଦେଶ୍ୟରେ ବ୍ୟବହୃତ ଆକାଶ ଓ ସମୁଦ୍ର ମାର୍ଗର କେନ୍ଦ୍ରରେ ଏହା ଅବସ୍ଥିତ) ଏବଂ ଆମେରିକାର ନୌ ଘାଟି ଡିଏଗୋ ଗ୍ରାର୍ସିଆ ର ନିକଟବର୍ତ୍ତୀ ହୋଇଥିବାରୁ ଏହି ଦେଶର ଜନସଂଖ୍ୟା, ଆୟତନ ତଥା ସମ୍ବଳ ଅନୁପାତରେ ଏହାର ମହତ୍ତ୍ୱ ଯଥେଷ୍ଟ ଅଧିକ । ଭାରତ ସହ ଏହାର ସାଂସ୍କୃତିକ ସଂପର୍କ ପ୍ରାଚୀନ ଯୁଗରୁ ରହି ଆସିଛି । ଶ୍ରୀଲଙ୍କାର ସମୁଦାୟ ଅଧିବାସୀଙ୍କ ମଧ୍ୟରୁ ଶତକଡ଼ା ୬୪ ଭାଗ ବୌଦ୍ଧ ଏବଂ ଶତକଡ଼ା ୧୫ଭାଗ ହିନ୍ଦୁ ଅଟନ୍ତି । ଉନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଏହା ବ୍ରିଟିଶ ଉପନିବେଶରେ ପରିଣତ ହୋଇଥିଲା । ୧୯୪୮ ମସିହା ଫେବୃଆରୀ ୪ ତାରିଖରେ ଏହା ସ୍ୱାଧୀନତା ଲାଭ କରିଥିଲା ।

ତାମିଲ ଓ ସିଂହଳୀ ଜାତିଆଣ ବିବାଦ ଜନିତ ସାମୟିକ ଉତ୍ତେଜନାକୁ ଛାଡ଼ିଦେଲେ ଭାରତ-ଶ୍ରୀଲଙ୍କା ସଂପର୍କ ପ୍ରାୟତଃ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଛି । ଜାତିଆଣ ସମସ୍ୟା ସତ୍ତ୍ୱେ ଭାରତ ଶ୍ରୀଲଙ୍କା ଉପରେ ନିଜର ଇଚ୍ଛାକୁ ଲଦି ଦେବାକୁ ଚେଷ୍ଟା କରିନି । ବରଂ ଏହି ଦକ୍ଷିଣରେ ଥିବା ପ୍ରତିବେଶୀ ରାଷ୍ଟ୍ର ସହ ପାରସ୍ପରିକ ବୁଝାମଣା ତଥା ବନ୍ଧୁତା ଭିତ୍ତିରେ ସଂପର୍କ ସ୍ଥାପନ କରିବାକୁ ଭାରତ ପ୍ରୟାସ କରିଛି । ଶ୍ରୀଲଙ୍କା ସମ୍ବନ୍ଧରେ ନିଜର ବୈଦେଶିକ